# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17 August – 2026

********************************

## ମୁଖ୍ୟ ସମ୍ବାଦ

- ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା; ବନ୍ୟାରେ ୪୯ଟି ବ୍ଲକର ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

– ଯାଜପୁର ଓ ଭଦ୍ରକ ଜିଲ୍ଲାର ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

- ଭାରତୀୟ ଜନତା ପାର୍ଟିର ନୂତନ ରାଷ୍ଟ୍ରୀୟ ପଦାଧିକାରୀଙ୍କ ନାମ ଘୋଷଣା କଲେ ଅଧ୍ୟକ୍ଷ ନୀତିନ ନବୀନ

- ରାଜ୍ୟର ପ୍ରତ୍ୟେକ ଶିଶୁଙ୍କ ପାଇଁ ସୁରକ୍ଷିତ, ନିରାପଦ ଓ ଅନୁକୂଳ ପରିବେଶ ସୁନିଶ୍ଚିତ କରୁଛନ୍ତି ସରକାର

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବ ୱାର୍ଲଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍  ସିଲଭରମିଟ୍

# ବନ୍ୟା

ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅବପାତରେ ପରିଣତ ହୋଇଛି । ଏହା ବାଲେଶ୍ୱରଠାରୁ ୧୮୦ କିଲୋମିଟର ଦୂରରେ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅବପାତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି ।

ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ।

**- V/O -**

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ସର୍ବାଧିକ ୨୧୭ ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ଚଳିତ ମୌସୁମୀରେ ରାଜ୍ୟରେ ୯୭୪ ଦଶମିକ ୭ ମିଲିମିଟର ବର୍ଷା ହୋଇଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲାର ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ

ଲାଗିଛି। ଲଗାଣ ବର୍ଷା ପ୍ରଭାବରୁ କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ୪୯ଟି ବ୍ଲକର ୯୪୭ଟି ଗ୍ରାମର ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ୨ ଲକ୍ଷ ୩୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଓ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ନିକଟରେ ତୁରନ୍ତ ରିଲିଫ, ସ୍ୱାସ୍ଥ୍ୟସେବା ଓ ଜରୁରୀ ସାମଗ୍ରୀ ପହଁଞ୍ଚାଇବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇଛନ୍ତି ଭଦ୍ରକ ସମ୍ବାଦଦାତା...

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସରକାରଙ୍କ ପ୍ରାଥମିକତା। ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରେ ତୁରନ୍ତ ରିଲିଫ, ଶୁଖିଲା ଓ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା ପହଁଞ୍ଚାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଜାରି ରହିଛି । ଏହାର ସୁପରିଚାଳନା ପାଇଁ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ।

ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଜଳଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଗତକାଲି ସୁଦ୍ଧା ପ୍ରଭାବିତ ୧ ହଜାର ୪୬୧ଟି ନଳକୂପ ଓ ୮୯ଟି ଜଳ ଉତ୍ସକୁ ବିଶୋଧନ କରାଯାଇଛି। ଏଥିସହିତ ୬ଟି ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଦ୍ୱାରା ଜଳ ବିଶୋଧନ କରାଯାଇ ପାନୀୟ ଜଳ ଯୋଗାଇ ଦିଆଯାଉଛି।

Desk

# ବି.ଜେ.ପି. - ନବନିଯୁକ୍ତି ପଦାଧିକାରୀ

ଭାରତୀୟ ଜନତା ପାର୍ଟି-ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆଜି ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ନୂତନ ରାଷ୍ଟ୍ରୀୟ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଦଳରେ ୧୩ ଜଣଙ୍କୁ ରାଷ୍ଟ୍ରୀୟ ଉପସଭାପତି ଭାବେ ନିଯୁକ୍ତି ମିଳିଛି।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ନବନିଯୁକ୍ତ ରାଷ୍ଟ୍ରୀୟ ପଦାଧିକାରୀ ଏବଂ ବିଭିନ୍ନ ଦାୟିତ୍ୱ ପାଇଥିବା ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସଦସ୍ୟମାନଙ୍କ ନିକଟରେ ଭରପୁର ସାଂଗଠନିକ ଦକ୍ଷତା ରହିଛି। ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନେ ଦଳକୁ

ମଜଭୁତ କରିବା ସହ ଜନସେବା ଉପରେ ଗୁରୁତ୍ୱ ଦେଇ ଶ୍ରେଷ୍ଠ ଯୋଗଦାନ ଦେବେ ବୋଲି ଶ୍ରୀ ମୋଦି ଆଶାବ୍ୟକ୍ତ କରିଛନ୍ତି ।

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଶୁଭେଚ୍ଛା ଜଣାଇ କହିଛନ୍ତି, ବିକଶିତ ଭାରତର ସଙ୍କଳ୍ପ ଏବଂ ଦେଶଗଠନର ପ୍ରତିବଦ୍ଧତାକୁ ନବନିଯୁକ୍ତ ସଦସ୍ୟମାନେ ନୂତନ ଶିଖରରେ ପହଞ୍ଚାଇବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସାଂଗଠନିକ ଦକ୍ଷତା, ଆଦର୍ଶଗତ ପ୍ରତିବଦ୍ଧତା, ବ୍ୟାପକ ଅଭିଜ୍ଞତା ଏବଂ ଯୁବ ଉର୍ଜାର ଏହି ସମନ୍ୱୟ ଦଳର ରାଷ୍ଟ୍ର ନିର୍ମାଣ ଅଭିଯାନକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ। ଜାତୀୟ ଦଳରେ ସ୍ଥାନ ପାଇଥିବା ସାଂସଦ ବୈଜୟନ୍ତ ପଣ୍ଡା ଏବଂ ସମ୍ବିତ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

BBSR/R

## ଉପମୁଖ୍ୟମନ୍ତ୍ରୀ– ତାଲିମ କାର୍ଯ୍ୟକ୍ରମ

ରାଜ୍ୟର ପ୍ରତ୍ୟେକ ଶିଶୁଙ୍କ ପାଇଁ ସୁରକ୍ଷିତ, ନିରାପଦ ଏବଂ ଅନୁକୂଳ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିସରରେ ଆଜି ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟଙ୍କ ପାଇଁ ପାଞ୍ଚ ଦିନିଆ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଶୁମାନଙ୍କ ଅଧିକାର, ସ୍ୱାଭିମାନ ଏବଂ ସର୍ବାଙ୍ଗୀନ ଉନ୍ନତିର ସୁରକ୍ଷା ପାଇଁ ସମସ୍ତ ଅଂଶୀଦାରଙ୍କ ଦ୍ୱାରା ସମନ୍ୱିତ ଏବଂ ସମ୍ବେଦନଶୀଳ ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ନୂତନ ଭାବେ

ଯୋଗ ଦେଇଥିବା ସି.ଡବ୍ଲ୍ୟୁ.ସି.ର ସଦସ୍ୟମାନଙ୍କୁ ନିଷ୍ଠାପର ଏବଂ ସହାନୁଭୂତିର ସହ ନିଜର ଦାୟିତ୍ୱ ତୁଲାଇବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ପ୍ରତ୍ୟେକ ନିଷ୍ପତ୍ତି ଓ ପଦକ୍ଷେପରେ ଶିଶୁର ସର୍ବୋତ୍ତମ ହିତକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୨୭ଟି ଜିଲ୍ଲାରୁ ୫୮ ଜଣ ସି.ଡବ୍ଲ୍ୟୁ.ସି. ସଦସ୍ୟ ଅଂଶଗ୍ରହଣ କରିଥିଲେ।

BBSR/R

## ଜଳ ପରିଚାଳନା କର୍ମଶାଳା

ସ୍ମାର୍ଟ ଜଳ ସେଚନ ଓ ଚାହିଦା ଭିତ୍ତିକ ଜଳ ପରିଚାଳନା ସମ୍ପର୍କିତ କର୍ମଶାଳା ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଜଳସେଚନ ବ୍ୟବସ୍ଥାକୁ ଅଧିକ ଦକ୍ଷ, ଉତ୍ତରଦାୟୀ ଓ ଚାଷୀ କୈନ୍ଦ୍ରୀକ କରିବା ସହ ଜଳର ସୁବିନିଯୋଗ ପାଇଁ ଆଧୁନିକ ପ୍ରଯୁକ୍ତି ଓ ତଥ୍ୟ ଭିତ୍ତିକ ପରିଚାଳନା ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଛି। ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁଭା ଶର୍ମା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଜଳସେଚନର ସୁଫଳକୁ ଜମିରେ ପାଣି ପହଁଞ୍ଚାଇବାରେ ସୀମିତ ନ ରଖି ଫସଲ ବିବିଧିକରଣ, କୃଷି ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କ ଜୀବିକା ସହ ଯୋଡ଼ିବାର ଆବଶ୍ୟକତା ରହିଛି। ଏହି ଅବସରରେ ରାଜ୍ୟରେ ଜଳସେଚନ ବ୍ୟବସ୍ଥାର ଡିଜିଟାଲ ପ୍ରଯୁକ୍ତି, ନବସୃଜନ ଓ ତଥ୍ୟ ଭିତ୍ତିକ ପଦ୍ଧତିର ସମନ୍ୱୟ ମାଧ୍ୟମରେ ଲକ୍ଷ୍ୟ ହାସଲ ଉପରେ ବିଚାର ବିମର୍ଶ କରାଯାଇଥିଲା। କର୍ମଶାଳାର ବୈଷୟିକ ଅଧିବେଶନଗୁଡ଼ିକରେ ଅନ୍ୟ ରାଜ୍ୟ ଓ ଆନ୍ତର୍ଜାତିକ ସହଯୋଗୀମାନଙ୍କ ଅଭିଜ୍ଞତା ଉପସ୍ଥାପିତ ହୋଇଥିଲା। ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ

ଜଳସମ୍ପଦର ନିରୀକ୍ଷଣ, ଯୋଜନା ପ୍ରସ୍ତୁତି ଓ ନିଷ୍ପତ୍ତି ଗ୍ରହଣକୁ ଅଧିକ ଦକ୍ଷ କରିବାର ସମ୍ଭାବନା ଉପରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ।

Desk

## ଫାଓ ଫୁଟବଲ୍ ଲିଗ୍

ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଫାଓ ଫୁଟବଲ ଲିଗ୍‌ରେ ଚମ୍ପିଆନ ହୋଇଥିବା ଓଡ଼ିଶା ପୁଲିସ ଫୁଟବଲ ଦଳକୁ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଶ୍ରୀ ମିଶ୍ର ଚମ୍ପିଆନ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପ୍ରତିଭା ଓ କ୍ରୀଡ଼ା ଉତ୍କର୍ଷତାର ପ୍ରଶଂସା କରି କହିଛନ୍ତି, କ୍ରୀଡ଼ାବିତମାନେ ନିଜର ପ୍ରତିଭା, ଶୃଙ୍ଖଳା ଓ ନିଷ୍ଠାଦ୍ୱାରା ପୁଲିସ ବାହିନୀର ଗୌରବ ବୃଦ୍ଧି କରିଛନ୍ତି। ଏହି ସଫଳତା ଅନ୍ୟ କ୍ରୀଡ଼ାବିତ୍‌ଙ୍କୁ ଆଗାମୀ ଦିନରେ ଉଚ୍ଚକୋଟୀର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ।

ସୂଚନାଯୋଗ୍ୟ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଗତକାଲି ଆୟୋଜିତ ଫାଓ ଫୁଟବଲ ଲିଗ୍‌ରେ ଓଡ଼ିଶା ପୁଲିସ ଫୁଟବଲ ଦଳ ୫-୧ ଗୋଲ୍‌ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା।

BBSR/R

## ୱାର୍ଲ୍ଡ ଆଥଲେଟିକ ମିଟ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ଶନିବାର ଦିନ ୱାର୍ଲଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ଅନୁଷ୍ଠିତ ହେବ। ଏହି ଦିନିକିଆ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୨୭ଟି ଦେଶରୁ ୧୮୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୯ଟି ଲେଖାଏଁ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଆୟୋଜନ କରାଯିବ। ଏହି ଅବସରରେ ଆଜି ଭୁବନେଶ୍ୱରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ଡାକ୍ତର ୟେଦୁଲା ବିଜୟ କହିଛନ୍ତି’ ସାଧାରଣ ଜନତା, ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ ନିଃଶୁଳ୍କ ପ୍ରବେଶ ସୁବିଧା ରହିଛି। ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ବିଶ୍ୱ ଏବଂ ଏସୀୟ ଇଣ୍ଡୋର ଆଥଲେଟିକ ଚାମ୍ପିଅନସିପ୍ ପାଇଁ ଏହା ଏକ ପ୍ରମୁଖ ପ୍ରସ୍ତୁତି ପର୍ଯ୍ୟାୟ ବୋଲି ଶ୍ରୀ ବିଜୟ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଦେଶକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

Debagada

## କିଶୋର ଅଧିନିୟମ

ଦେବଗଡ଼ ଜିଲ୍ଲା ନ୍ୟାୟାଳୟ ସଭାଗୃହରେ କିଶୋର ନ୍ୟାୟ ଅଧିନିୟମ– ଦଶନ୍ଧିର କାର୍ଯ୍ୟାନ୍ୱୟନ ଏବଂ ଆଗାମୀ ପଥ’ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଦୌରାଜଜ୍ ଦେବାଶିଷ ରାଉତ ଯୋଗଦେଇ କିଶୋର ନ୍ୟାୟ ଅଧିନିୟମ ୨୦୧୫ ସମ୍ପର୍କରେ ଆଲୋଚନା କରିଥିଲେ।

Nayagada

# ହର୍ ଘର୍ ତିରଙ୍ଗା

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ବିଭିନ୍ନ ସ୍ଥାନରେ ବିଶାଳ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ି ଶୋଭାଯାତ୍ରାରେ ଯୋଗଦେଇ କହିଛନ୍ତି, ଦେଶର ଏକତା, ଅଖଣ୍ଡତା ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ଦିଗରେ ପ୍ରତ୍ୟେକ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

Boudh/Kendrapada/Nayagada/Subarnpur

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗରୀପାଲି ବ୍ଲକରେ ଅନୁଷ୍ଠିତ ଶୁଣାଣି ଶିବିରରେ ୪୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲିଳିମା ଲଳିତା ବାର୍ଲା ଯୋଗଦେଇ ଜନସାଧାରଣଙ୍କର ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ  ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ଆୟୋଜିତ ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଏବଂ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିୟା ଜନସାଧାରଣଙ୍କ ୫୩ଟି ଅଭିଯୋଗର ଶୁଣାଣି  କରିଛନ୍ତି।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଅନୁଷ୍ଠିତ ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।